ସମ୍ବାଦ

# ଓଡ଼ିଆ ଯୁବ ଲେଖକ ସମ୍ମିଳନୀ



ବଲାଙ୍ଗୀର, ୧୦।୯ (ଇମିସ): ସାହିତ୍ୟ ଏକାଡେମୀ ଓ ରଚନାର ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ସହର ପତିତପାବନ ଏକାଡେମୀ ସଭାଗୃହରେ 'ଓଡ଼ିଆ ଯୁବ ଲେଖକ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ବିଜୟ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ଲେଖକ ଓ ସମାଲୋଚକ କାଳୀଦାସ ମିଶ୍ର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଏକାଡେମୀର ସହସଂପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ, ଉପଦେଷ୍ଟାମଣ୍ଡଳୀ ସଦସ୍ୟ ମନୋଜ ପଣ୍ଡା ପ୍ରାରମ୍ଭିକ ସୂଚନା ତଥା ଶେଷରେ 'ରଚନା'ର ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ କ୍ଷୁଦ୍ରଗଳ୍ପ ପାଠ କରାଯାଇଥିଲା। ଗାଳ୍ପିକ ପ୍ରଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବ ଗାଳ୍ପିକ ବିଶ୍ୱନାଥ ସାହୁ, ଜଗନ୍ନାଥ ସାହୁ ଓ ଶ୍ରୁତକୀର୍ତ୍ତି ତ୍ରିପାଠୀ ଗଳ୍ପ ପାଠ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ଦ୍ୱିତୀୟ ଅଧିବେଶନରେ 'ମୁଁ କାହିଁକି ଲେଖେ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବି ଭାଗୀରଥି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଶ୍ନର ଉତ୍ତର ରଖିଥିଲେ କବି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ହୋତା, ମୁକୁଳ ମିଶ୍ର, ସଂଜୟ ମିଶ୍ର ଓ ସ୍ୱାଗତିକା ସ୍ୱାଇଁ। ସେହିପରି ତୃତୀୟ ଅଧିବେଶନରେ କବିତା ପାଠ କରାଯାଇଥିଲା। ଏଥିରେ କବି ପ୍ରହ୍ଲାଦ ଶତପଥୀ ସଭାପତିତ୍ୱ କରିଥିବା ବେଳେ କବି ଆଶିଷ ମିଶ୍ର, ଜୟଦ୍ରଥ ସୁନା, ମହେଶ୍ୱର ପ୍ରଧାନ, ମମତା ପ୍ରିୟଦର୍ଶିନୀ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ପୁଣ୍ୟଦୀପା ଖମାରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟିକ, ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।